ସୃଜନୀ ପରିବାର (ଚେନ୍ନାଇ )

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା

# ହିରଣ୍ମୟୀ

ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର



## ନବବର୍ଷ ବିଶେଷାଙ୍କ

୨୦୧୯

ସୃଜନୀ ପରିବାର (ଚେନ୍ନାଇ )

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା

# ହିରଣ୍ମୟୀ

ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

## ନବ ବର୍ଷ -୨୦୧୯ - ବିଶେଷାଙ୍କ କୁ ନିଜ ସୃଜନ ସୃଷ୍ଟିରେ ଅଳଙ୍କୃତ କରିଛନ୍ତି :


ନୂଆ ବରଷ ଗୀତ
ଡକ୍ଟର କୃତ୍ତିବାସ ନାୟକ


ନୂଆ ବରଷ (ଧନୀ ଓ ଗରିବ
ପ୍ରଶାନ୍ତ କୁମାର ନାଥ


ଆଦିମ ଯୁଗ ଆସୁଅଛି
କେ .ନିର୍ମଳ


ଶୀତ ଆସିଛି
ସୁଷମା ପରିଜା


ତୁମେ ଚାହିଁଲେ ହେଲା
ସାବିତ୍ରୀ ପୁରୋହିତ


ପଲ୍ଲୀ ବଧୂ
ଅମ୍ବିକା ସ୍ୱାଇଁ


ନୂଆ ସକାଳ ଆସିଛି
ଶ୍ରୀମତୀ ବୀଣାପାଣି ରାଏ ଗୁରୁ


ଶେଷ ପୃଷ୍ଠା
ଦିପ୍ତିମୟୀ ବିଶ୍ୱାଳ


ଆସିବାର ବେଳ
ରତିକାନ୍ତ ଦ୍ୱିବେ


ନୂଆ ବରଷ ରେ ...ନୂଆ ବରଷ
ଅମୀୟ ରଞ୍ଜନ ସାହୁ


ନବ ବର୍ଷରେ ନାରୀ କବି
ପ୍ରବାସିନୀ ହୋତାଙ୍କ ଦୁଇଟି
ସୃଜନ ଭେଟି ...
କିଛି ..କରିବାର ..ଅଛି /
ପାରିବୁ କି ...ନବ ବର୍ଷ ??


ନୂଆ ବର୍ଷ
ଡମ୍ବୁରୁଧର ବାଗ


ନୂଆ ବରଷ
ବାଉରୀବନ୍ଧୁ ଲେଙ୍କା


ତୁମ ଅପେକ୍ଷାରେ
ମନୋରମା ମିଶ୍ର


ନୂଆ ବର୍ଷ
ଜୟଶ୍ରୀ ପଟ୍ଟନାୟକ


ନବ ବର୍ଷ
ସୁଭାଷ ଚନ୍ଦ୍ର ପଣ୍ଡା


ପୂର୍ବ ନିର୍ଦ୍ଦିଷ୍ଟ ମିଳନ
ଦୀପକ କୁମାର ଦେ


ସେ ପାରିର ସୂର୍ଯ୍ୟ
ପ୍ରଭାତ କୁମାର ନାୟକ


ଦିନ ବିତିଯାଉ ହରଷେ
ଡକ୍ଟର ସଚ୍ଚିଦାନନ୍ଦ କର


ନବବର୍ଷ ଉବାଚ
ରମେଶ ଚନ୍ଦ୍ର ପସାଏତ୍


ନୂଆ ବର୍ଷ
ସୁଧିରାଜ ରାଉତ


ଅଭିନନ୍ଦନ -୨୦୧୯
ଧୀରେନ୍ଦ୍ର କୁମାର ପ୍ରଧାନ


ନବ ବର୍ଷରେ ..
ସୁନନ୍ଦା ମହାପାତ୍ର


ଇଂରେଜ ନବ ବର୍ଷରେ ବାର୍ତ୍ତା
ପ୍ରସନ୍ନ କୁମାର ମାଦଳା


ଏକାନ୍ତ ବିଳାପ
ସରୋଜିନୀ ଦାସ



## ନବବର୍ଷ ବିଶେଷାଙ୍କ
## ୨୦୧୯

ସୃଜନୀ ପରିବାର (ଚେନ୍ନାଇ )

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

# ନୂଆ ବରଷ ଗୀତ

ଡକ୍ଟର କୃତ୍ତିବାସ ନାୟକ





ନୂଆ ବରଷ ହେ -ନୂଆ ବରଷ,
ଆଣିଛ ଦେଖି ନୂଆ ପରଶ ? (ଘୋଷା)

ପାଇଛି ଯାତନା ଯେ ଦୁଃଖୀ ଜନ,
ଲିଭି ଯାଇଛି ଯା ସୁଖ ସପନ।
ସପନ ଦେଖାଇ ସୁଖକୁ ଚଖାଇ
ଭରିଦିଅ ଦୁଃଖୀ ମନେ ହରଷ। (୧)

ଆଗାମୀ ଦିନର ସବୁ ସକାଳ,
ତାଙ୍କପାଇଁ  ହେଉଥିବ ଉଜ୍ଜଳ।
ଅଣ୍ଟା ଭିଡ଼ିବାରେ ଦେଶ ଗଢିବାରେ
ଭରିଦିଅ ମନେ ବଳ ସାହସ।(୨)

ଅଭାବ କଷଣ ହୋଇବ ନାଶ,
ଫୁଲ ଫଳେ ଭରିଯିବ ଏ ଦେଶ।
ସୁଖ ଶାନ୍ତି ଯଶ ହୋଇବ ପ୍ରକାଶ
ଦୂରେ ରହିଥିବ ଝଡ଼ବତାଶ ।

୦୦୦

ଶୈଳଶ୍ରୀ ବିହାର. ଭୁବନେଶ୍ବର.୭୫୧୦୨୧
ଫୋନ : ୯୯୩୭୭୪୩୫୦୮

ସୃଜନୀ ପରିବାର (ଚେନ୍ନାଇ )

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

# ନୂଆ ବରଷ (ଧନୀ ଓ ଗରିବ)

**ପ୍ରଶାନ୍ତ କୁମାର ନାଥ**



ନୂଆ ବରଷର ନୂଆ ଭାବନାରେ
ମନଟା ସଭିଙ୍କ ଭରେ
ଧନୀ ଲୋକ ଦିନ କଟଇ ଶାନ୍ତିରେ
ଗରିବଟି ମିଛେ ମରେ ।

ଧନୀ କରେ ପାର୍ଟି ମଦ ମାଉଁସରେ
ଗରିବ ଉପାସ ଭୋକେ
ଧନୀ ଖାଉଥାଏ ମାଛ ଓ ମାଉଁସ
ଗରିବ ତୋରାଣୀ ଢୋକେ ।

ହୋଟେଲ କ୍ଲବ ଧନୀ ଯାଉଥାଏ
ପାଳିବାକୁ ନବବର୍ଷ
ଗରିବ ଯୋଗାଡେ ଖାଦ୍ୟରୁ ମୁଠାଏ
ପେଟରେ ଦେବାକୁ ସ୍ପର୍ଶ ।

ଚିକି ମିକି କରେ ଧନୀର ଘରଟି
ଲିଚୁ ଲାଇଟିରେ ସଜା
ଗରୀବର ଘର ଆଲୋକ ପାଇଁକି
ଡିବିରି ଲଣ୍ଠନ ଖୋଜା ।

ଧନୀ ଯାଉଥାଏ ପିକନିକ୍ କରି
କେତେ ଦର୍ଶନୀୟ ସ୍ଥାନ
ଚାଳ ବାଟେ ଜହ୍ନ ଦେଖିଣ ଗରିବ
ବୁଝାଏ ତାହାରି ମନ ।

ଖାଇ ଖାଇ ଯାହା ଅଧିକ ହୋଇଲେ
ଧନୀ ଫୋପାଡ଼ଇ ନେଇ
ହେଲେ ଗରିବଟି ରାହା ଖୋଜୁଅଛି
ପେଟ ଚାଖଣ୍ଡକ ପାଇଁ ।

କେତେ ନୂଆ ସ୍ୱପ୍ନ ନୂଆ ଭାବନାରେ
ଧନୀଲୋକ ଅଙ୍କ କଷେ
ପୁରୁଣା ପାଠର ଆଲୋଚନା ପାଇଁ
ଗରିବଟି ନିତି ବସେ ।

ବାଜା ବାଣ ସାଥେ ଧନୀ କରୁଥାଏ
ନବବର୍ଷ ସ୍ୱାଗତମ
ନୂଆ କି ପୁରୁଣା ଗରିବ ପାଇଁକି
ଅଟଇ ସବୁ ସମାନ ।

******

**ସୁନ୍ଦରପୁର,ଉତ୍ତରକୂଳ ହାଟ୍,ପ୍ରୀତିପୁର,**
**ଯାଜପୁର ।**
**ମୋ-୮୩୧୦୩୨୮୩୪୫**

ନବବର୍ଷ ବିଶେଷାଙ୍କ
୨୦୧୯

ସୃଜନୀ ପରିବାର (ଚେନ୍ନାଇ)

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର



# ଆଦିମ ଯୁଗ ଆସୁଅଛି

( ବ୍ୟଙ୍ଗ କବିତା)

**କେ.ନିର୍ମଳ**

ନୂଆ ବରଷ ମୋତେ ଲାଗୁନାହିଁ ସତେ
ନୂଆ ନୂଆ କିଛି ଭାବନା,
ଆଦିମ ଯୁଗ ସତେ ଆସୁଛି କି ଏବେ
ଛୋଟ ମୋର ପରିକଳ୍ପନା।

ପୁଅ ଝିଅଙ୍କର ଢଙ୍ଗ ବେରଙ୍ଗ ରୂପ
ବଦଳି ଗଲାଗି ଲାଗୁଛି,
ଚିରା ଫଟା ପେଣ୍ଟ ପିନ୍ଧିବାକୁ ଖାଲି
ସଉକ ତାଙ୍କର ଜମୁଛି ।

ଯୁଗ ସିନା ଧିରେ ଧିରେ ବଦଳୁ ଥିଲା
କହୁଥିଲେ ଏଠି ନୟନା,
କିଛିଦିନ ବିତିଲେ ଦେଖିବ ଜଗତ
ପିନ୍ଧୁଥିବେ ସେ ଛିଡ଼ା କନା ।

ଆଗ ଯୁଗେ ମଣିଷ ବଞ୍ଚୁଥିଲା ସିଏ
ଶହେ ବରଷର ଉପରେ,
କିନ୍ତୁ ଆଜିକା ଯୁଗରେ ପଚାଶ ଟପିଲେ
କର୍କଟ ରୋଗରେ ସେ ମରେ।

କାହିଁ ଆଗ ଯୁଗେ ଏତେ ନ ଥିଲା ରୋଗ
ଏବେ କାହିଁ ଏତେ ଯନ୍ତ୍ରଣା,
ବୁଝିବା ଲୋକମାନେ ବୁଝି ଯାଅ କଥା
ଶେଷେ ଧରିଥିବ ଖଞ୍ଜଣା ।

ହରି ନାମ ସିନା ଏବେ ଧରିବାକୁ
ଲାଗେ ତମକୁ ସିନା କଷ୍ଟ,
ଶେଷ ସମୟରେ ପୁଣ୍ୟ କରି କିଛି
ହୁଅ କାହିଁ ଯେ ପଥଭ୍ରଷ୍ଟ।

ବେଳ ଥାଉ ଥାଉ ବଦଳି ଯାଅ ତୁମେ
ଧର୍ମ କାର୍ଯ୍ୟ ମନେ ସୁମରି,
ଶେଷ ସୋପାନ ଆଉ କିଛିଦିନ ଅଛି
ଜପ ମନରେ ହରି ହରି ।

ଆଦିମ ଯୁଗ ଭାବନାକୁ ପଛେ ଫିଙ୍ଗି
ଆମେ ସବୁ ଏକାଠି ମିଶି,
ନୂତନ ଭାବନାକୁ ସ୍ୱାଗତ କରିବା
ଏହି ଆମ ଭାରତ ବାସୀ।

ଭଦ୍ରକ,ବାସୁଦେବପୁର(ଜଗନ୍ନାଥ)
ମୋବାଇଲ:-୯୫୬୬୧୧୩୬୦୭

ନବବର୍ଷ ବିଶେଷାଙ୍କ
୨୦୧୯

ସୃଜନୀ ପରିବାର (ଚେନ୍ନାଇ )

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

# ଶୀତ ଆସିଛି

ସୁଷମା ପରିଜା



**ଶୀତ ଆସିଛି**
ସନେଇ ପଧାନ ର ନୁଆଁଣିଆ ଚାଳଘରକୁ
ଯେଉଁଠି ଚୁଲ୍ଲୀ ନିଆଁ ଚାରିପଟେ ବସି
ପଖାଳ କଂସାରେ ଥରି ଯାଉଥାଏ ମଞ୍ଜି ,
ଚାରିମାଣ ବିଲ ରେ ବର୍ଷ ସାରା
ଖଟି ଖଟି ଅଣ୍ଟା ବଙ୍କା ହୋଇଗଲେ ବି
ପେଟ ପୁରେନା ,ସ୍ତ୍ରୀ ର ସାତ ସିଆଁ ଲୁଗା
ଆଉ ବଢିଲା ଝିଅ ର ବାହାଘର ଚିନ୍ତା ରେ
ଅନବରତ ହୁ ହୁ ଜଳୁଥାଏ ମନ ।।

**ଶୀତ ଆସିଛି**
ରାଜଧାନୀ ରେ ରାଜରାସ୍ତା ର କଡକୁ
ଛୋଟ ପଲାଟିଏ ମାରି ରହୁଥିବା
ଦିନ ମଜୁରିଆ ଦୀନବନ୍ଧୁ ର
ଛିଣ୍ଡା କମ୍ବଳ ଭିତରେ କୁଙ୍କୁଡି କାଙ୍କୁଡି
ହୋଇ ଶୋଇରହିଥିବା ଶରୀର ରେ
ସଂଚରି ଯାଉଛି କାଠୁଆ ଶୀତର ଲହର
ବୁକୁ ଫଟେଇ ଦୀର୍ଘନିଶ୍ୱାସ ବାହାରି ଆସୁଛି
କେମିତି କାଲି ସକାଳେ କାମ ଟେ ମିଳିବ,
ପିଲାମାନଙ୍କୁ ଆହାର ମୁଠାଏ ମିଳିବ ।।

**ଶୀତ ଆସିଛି**
ରାଜଧାନୀ ର ଶୀତତାପ ନିୟନ୍ତ୍ରିତ
ବହୁତଳ ପ୍ରାସାଦ କୁ ଯେଉଁଠି ତୂଳୀ ତଳ୍ପ ଉପରେ
ବୟସ୍କ ପୁରୁଷ ଚିରକଣ୍ଟ ଲମ୍ବା ହୋଇ ତା'ଦେହର
ନିଆଁ ଲିଭାଉଛି ବିବଶ ଯୌବନ ଟିଏ
ନିଜକୁ ନିସ୍ୱ କରିଦେଇ
ନିଜର ପରିବାର ମୁହଁ ରେ ଆହାର ଦେବାକୁ ।।

**ଶୀତ ଆସିଛି**
ରାଜଧାନୀ ରେ ନେତା ଙ୍କ ବଙ୍ଗଳାକୁ
ଯେଉଁଠି ସାଧାରଣ ଜନତାର ଦୁଃଖ ଦୂର
କରିବାକୁ ତୁହା କୁ ତୁହା ବସୁଛି
କର୍ମୀ ମାନଙ୍କ ବୈଠକ,
ତୁହା କୁ ତୁହା ପରଷା ହେଉଛି ଗରମା ଗରମ
ତେଲଭାଜି କୁ ରକମ ରକମ ର ଚାଖଣା ,
ରଙ୍ଗୀନ୍ ପାନୀୟ ସହ ଚାଲିଛି ବିଚାର ବିମର୍ଷ
ଆହା ! କେତେ ଦୁଃଖ ରେ ଅଛନ୍ତି ପ୍ରଜାଏ ଆମର
ବିଦ୍ରୋହୀ ଶୀତ ଟା ସନ୍ତ୍ରସ୍ତ କରୁଛି ଜନ ଜୀବନ ।।

**ଶୀତ ଆସିଛି**
ଗାଁ ମୁଣ୍ଡ କ୍ଲବରେ ଆଡ୍ଡା ମାରୁଥିବା
ଟୋକା ଙ୍କ ମେଳାକୁ
ଶଃ ଶୀତ ଟା କାଟିବା କୁ
ଗୋଟାଏ କଡା ପେଗ୍ ଟେ ଲୋଡା,
ମଉଜ ମସ୍ତି କରିବାକୁ
ଶରୀର ଟେ ନିହାତି ଜରୁରୀ
କେତେ ଆଉ ସିଗାରେଟ ଧୂଆଁ ରେ
ଉଡେଇବା ଶୀତ?
କିଛି ଗୋଟାଏ ସଲିଡ୍ ପ୍ଲାନ୍ କରିବାକୁ ହେବ ,
ଆଗକୁ ଆସୁଛି ନୂଆ ବର୍ଷ
ପକେଟ୍ ରେ ତ ଖଡା ନାସ୍ତି,
କେମିତି ହେବ ଯେ ଗୋଟେ
ଜମାଣିଆ "ହାପି ନିଉ ଇଅର " ର ପାର୍ଟି ।।

**ଶାରଳା ଭବନ ,ପୋତାପୋଖରୀ,**
**ନୂଆବଜାର କଟକ**

ନବବର୍ଷ ବିଶେଷାଙ୍କ
୨୦୧୯

ସୃଜନୀ ପରିବାର (ଚେନ୍ନାଇ )

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର



# ତୁମେ ଚାହିଁଲେ ହେଲା

ସାବିତ୍ରୀ ପୁରୋହିତ

ନୂଆ ବର୍ଷ !!
ମୁଁ ତୁମକୁ ଦେଇପାରେ
ଅକସ୍ମାତ୍ ନିଦ୍ରାଭଙ୍ଗ ର ଯନ୍ତ୍ରଣା
ମେଦୁର ଆକାଶ
ଗଣି ଗଣି ପବନ ଅଣଚାଶ
ଆଉ ଶ୍ୱାସରୋଧକାରୀ
ଚୁମ୍ବନର ଶୋଷଣ କଳା
କେବଳ....
ତୁମେ ଚାହିଁଲେ ହେଲା ।।

ତୁମକୁ ଦେବାରେ
କିଛି ବାଧା ନାହିଁ
ଗରିବର ବଗଡ଼ା ଭାତ
ଦରସିଝା ପାଣିଚିଆ ଡାଲମା
ଧାନ ଖଳା ରେ ଶିଶିର ଭିଜା
ହେମନ୍ତ ଋତୁ...
ଆଉ...ସଦ୍ୟ ଋତୁସ୍ନାତା ବିରହିଣୀ ର
ପ୍ରେମ...ଆଉଟୁ ପାଉଟୁ
କେବଳ...
ତୁମେ ମାଗିଲେ ହେଲା ।।

ଦେଇପାରେ ତୁମକୁ ମୁଁ
ଅସ୍ତରଙ୍ଗ ର ଲାଲ୍ ରଙ୍ଗ
ସଂଗୀତ ର ରାଗିଣୀ ସେ
ମେନକା ର ମୋହ ଭଙ୍ଗ
ଅସଢ଼ ଅଶ୍ଳୀଳ ଯେତେ ଯେତେ ଶବ୍ଦ
ଖାଲି ତୁମେ ଗାଇଲେ ହେଲା ।।

ନୂଆ ବର୍ଷ !!
ପ୍ରତିଦାନରେ ତୁମେ
କ'ଣ ଦେବ ମତେ
ହଜି ଥିବା ବିଶ୍ୱାସର ଦୀର୍ଘଶ୍ୱାସ
ଅବା...
ମିଛ ସମ୍ମୋହନର ଉଲ୍ଲାସ
ମଲା ନଈ ତୁଠେ ତୁଠେ
ସ୍ମୃତି ସଂଜୀବିତ ସେ
ନିଷ୍ପ୍ରାଣ ଆଧାର ଶିଳା
ହଁ...ତୁମେ ଚାହିଁଲେ ହେଲା ।।

***************

ପଟ୍ଟନାୟକ ପଡ଼ା
ସମ୍ବଲପୁର ।।

ସୃଜନୀ ପରିବାର (ଚେନ୍ନାଇ )

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର



# ପଲ୍ଲୀ ବଧୂ

ଅମ୍ବିକା ସ୍ୱାଇଁ

ଋତୁର ଚକ୍ର ରେ ଧରିତ୍ରୀ କୁଆଁରୀ
ବଦଳାଏ କେତେ ରୂପ
ଗ୍ରୀଷ୍ମ, ବର୍ଷା,ଶୀତ ଶରତ ହେମନ୍ତ
ବସନ୍ତ ଅଟଇ ନୃପ ।୧।

ଋତୁ ଦିଏ ସ୍ମୃତି ଅଭୁଲା ର ଗୀତି
ମନେ ଜାଗେ କେତେ ପ୍ରୀତି
ପଲ୍ଲୀ ବଧୂ ସଜ ହେଉଥାଏ ନିତି
ଗାଇ ଗାଇ ମଧୁ ଗୀତି ।୨।

ନୂତନ ବରଷ ହେଲା ଉପନୀତ
ନୂତନ ବାରତା ଆଣି
ଶୀତ ଚାଲିଯିବ ବସନ୍ତ ଆସିବ
କୋକିଳ ର ସ୍ୱନ ଶୁଣି ।୩।

ଆମ୍ର ବଉଳର ବାସ ଚହଟିବ
ମହକି ଉଠିବ ସାରା
ମଳୟ ପବନ ରଙ୍ଗ ବୋଳି ଦେବ
ରାଧାକୃଷ୍ଣ ଦେବେ ଧରା ।୪।

ପଲ୍ଲୀବଧୂ ସାଜେ ନବ ବର୍ଣ୍ଣମାଳା
ସବୁଜ ଓଢଣୀ ତଳେ
ଭାରି ନିରୀମାଖି କଣେଇ ଚାହୁଁଛି
ଆକାଶର ବୁକୁ ତଳେ ।୫ ।

ରଜନୀ କୋଳରେ ଘଡ଼ିଏ ଶୋଉଛି
ଦିବସ ମାରୁଛି ଉଙ୍କି
ମଥାରେ ଦିଶୁଚି ନାଲିଆ ଟିକିଲି
ସ୍ୱର୍ଣ୍ଣ ଆଭା ଚିକି ଚିକି ।୬।

ନାନା ଜାତି ଚିଜ ପସରା ଧରିଛି
କେତେ ରୂପ ରଙ୍ଗ ଭରି
ଦଣ୍ଡା, ବାଡ଼ି କ୍ଷେତ ସବୁଜ ବନାନୀ
ଝାରୁଛି ଅମୃତ ବାରୀ ।୭।

ନଦୀ,ନାଳ ଚୁଆ ଗାଡ଼ିଆ ପୋଖରୀ
ଗିରିବନ ଝାଉଁବଣ
ସବୁଜ ପାଟରେ ରଙ୍ଗମୟ ଚିତ୍ର
ଦେଖି ପୁରି ଯାଏ ମନ ।୮।

ପଲ୍ଲୀବଧୂ ଆମ ଭାରି ତ ସୁନ୍ଦରୀ
ହସୁ ଥାଏ ଖିଲି ଖିଲି
କେତେ ସୁମଧୁର ପଲ୍ଲୀବଧୂ ସ୍ୱର
କର୍ଣ୍ଣେ ବାଜୁ ଥାଏ ଖାଲି ।୯।

ନୂତନ ସ୍ୱାଗତ ଗାଉ ନୂଆ ଗୀତ
ବଢି ଯାଉ ସ୍ନେହ ପ୍ରୀତି
ପଲ୍ଲୀ ବଧୂ ସତେ ହେଉ ପୁଲକିତ
ଦୁନିଆରେ ଭରୁ ଶାନ୍ତି ।୧୦।

ଭୁବନେଶ୍ୱର

ସୃଜନୀ ପରିବାର (ଚେନ୍ନାଇ )

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

# ନୂଆ  ସକାଳ ଆସିଛି

ଶ୍ରୀମତୀ ବୀଣାପାଣି ରାଏ ଗୁରୁ



**ନୂଆ ସକାଳ ଆସିଛି,**
ଗଛରେ, ଲତାରେ, ଫୁଲରେ ଫଳରେ,ଝରଣା ଝର ରେ,
ଜଳରେ ସ୍ଥଳରେ,ନୀଳ ଆକାଶରେ,ମାଆ ର କୋଳ ରେ,
ପୋଖରୀ ତୁଠରେ,କୋଇଲି କଣ୍ଠରେ କୁଆର ଥଂଟ ରେ,
ଭଅଁର ତାନରେ ,ସୁନ୍ଦରୀ ମାନରେ ,ନଆଗ୍ ପଣରେ । ।

**ନୂଆ ସକାଳ ଆସିଛି,**
ଉଡନ୍ତା ପକ୍ଷୀରେ ତରୁଣୀ ଆଖିରେ କବ ଲେଖନୀରେ
ପ୍ରୀୟାର ପ୍ରୀତରେ ,ଫୁଲର ଗୀତରେ ,ମାଟି ର ଗ୍ଧତରେ,
ଉଷାର ଝୋଲରେ ଆଶାର କଲୀ ରେ,ସୁରୁଜ ନାଲିରେ,
ଦାଣ୍ଡର ଧୂଳିରେ ଶିଶୁଙ୍କ ମେଳରେ ,ଗୋରୁ ହମାଳରେ । ।

**ନୂଆ ସକାଳ ଆସିଛି,**
ସରସୀ ଜଳରେ, କଇଁ କମଳରେ, କୁଆଁରୀ ମେଳରେ
କୁମ୍ଭାର ଗୋଟିରେ,ମାଣର ଝୋଟିରେ,ବଣ ର ଝାଟିରେ,
ବାଡ଼ି ବଗିଚ୍ଚରେ ,ଗୃଉଳ ବଣାରେ, ଆମ ଅଗଣାରେ,
ରଙ୍ଗରେ ଢଙ୍ଗରେ ,ଗ୍ଗିଣୀ ଗ୍ଗରେ ,ଅତ ସଗ୍ଗରେ

**ନୂଆ ସକାଳ ଆସିଛି,**
ସିନ୍ଦୁର ଖୋଳରେ ,କୁଆଁରୀ ମେଳରେ ,ଗୁଆ ଖୋଳପାରେ,
ରଜର ସଜରେ ,ବଧୁର ସେଜରେ  ଫଗୁଣ ଫଗୁରେ,
ବୈଶାଖ ତାତରେ , ଶ୍ରାବଣ ଧାଗ୍ରେ ,ଝଗ୍ ସେଫାଳୀରେ
ପଉଷ ଶୀତରେ ,ଚଇତ ଗୀତରେ ,ମାଘ ବୋଇତରେ । ।

**ନୂଆ ସକାଳ ଆସିଛି,**
କେତେ ଦୁଃଖ ସୁଖ ଆଣି ଦୁଆରେ ବସିଛି
ଫୁଲଙ୍କ ଓଠରୁ ଆଣି ଅମୃତ ବାଣ୍ଟୁଛି,
ଆମ ଭଲମନ୍ଦ ପାଇଁ ଖବର ସଂଚୁଛି,
ନୂଆ ସକାଳ ଆସିଛି.. ନୂଆ ସକାଳ ଆସିଛି ।।

**(ନୂଆ ବର୍ଷ ପାଇଁ କବିତା)**  କଟକ-,୭୫୪୧୩୧

ନବବର୍ଷ ବିଶେଷାଙ୍କ
୨୦୧୯

ସୃଜନୀ ପରିବାର (ଚେନ୍ନାଇ )

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

# ଶେଷ ପୃଷ୍ଠା

ଦୀପ୍ତିମୟୀ ବିଶ୍ୱାଳ



ବରାଦ ଦେଇଛି 'ଆମାଜନ୍' ରେ
ଆଉ ଦିନ ଦୁଇଟିରେ
ପହଞ୍ଚିବ ନୂଆ ଉପନ୍ୟାସ....।
ତା'ରି ଭିତରେ ସାରିବାକୁ ହବ
ଏଇ ଚଳନ୍ତି ନାଟକର
ଶେଷ ପର୍ବ,ଶେଷ ପୃଷ୍ଠା ,
ଯବନିକା ପତନର ଶେଷ ଦୃଶ୍ୟ ।

କେଜାଣି କେମିତି ଥିବ....
ଆଗାମୀ ଉପନ୍ୟାସର ବିଷୟବସ୍ତୁ,
କେମିତି ଥିବେ ଚରିତ୍ର !
ଖାପ୍ ଖୁଏଇ ପାରିବି ତ ସେମାନଙ୍କ ସହ !
ପ୍ରଚ୍ଛଦ ତ ଖୁବ୍ ସୁନ୍ଦର ।
ବା'ର ଅଙ୍କ, ତିନିଶହ ପଞ୍ଚଷଠି ପୃଷ୍ଠା
ସାରିପାରିବି ତ ନିର୍ଦ୍ଦିଷ୍ଟ କାଳଖଣ୍ଡରେ !

"ଭବିଷ୍ୟତ ଅନିଶ୍ଚିତ...
ବର୍ତ୍ତମାନ ହିଁ ସର୍ବଶ୍ରେଷ୍ଠ"
ପୂର୍ବଜଙ୍କ ଏଇ କଥା ପଦକ
କଣ୍ଠସ୍ଥ କରିଦେଇଛି ଶୁଆ ପରି ।
ଅଟକି ଯାଇଛି ଏବର ନାଟକରେ,
ଶେଷ ପୃଷ୍ଠାରେ.... ।

ବେଶ୍ ରୋମାଞ୍ଚକର ଏ ଶେଷ ପୃଷ୍ଠା
କିଛି ଦ୍ୱନ୍ଦ୍ୱ, କିଛି ଆଶଙ୍କା.....।
କ୍ଷିପ୍ର କରିହୁଏନା ଚକ୍ଷୁର ବେଗ,
ଆଡେଇ ଦେଇ ହୁଏନା.....
ପ୍ରତି ଶବ୍ଦରେ ଶେଷ ଚାରି ଧାଡି
ବୁଝିଯିବାର ମଉକା ।

କ୍ଷୁଦ୍ର ଗଳ୍ପ ହେଉ କି ଦୀର୍ଘ ଉପନ୍ୟାସ
ଶେଷ ଚାରି ଧାଡି ହିଁ କଥା କହେ ... ।
ଶେଷ ଚାରି ଧାଡ଼ିରେ ଏଇ ତ
ପାଞ୍ଚାଳୀ ଖସିପଡେ ଅହାଂଚଳରୁ
ସୀତା ମାଟିମଗ୍ନା ହୁଏ ।

ଏଇ ଚାରି ଧାଡ଼ି ପାଇଁ ହିଁ ତ
ସାରା ଉପନ୍ୟାସ ବଞ୍ଚିବାକୁ ହୁଏ ।।

**#*****#****#**

**ହାଟଛକ, ଅନୁଗୋଳ ।**

ସୃଜନୀ ପରିବାର (ଚେନ୍ନାଇ )

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

# ଆସିବାରବେଳ

ରତିକାନ୍ତ ଦୁବେ



ମୋ ବିଶ୍ୱାସ ର ଏ ସଦ୍ୟ ସର୍ତ୍ତ
ଆ ... ଛଡେଇବା
ପରସ୍ତ ପରସ୍ତ ପୁରୁଣା ନିର୍ମୋହ ..
ଗଣ୍ଠିଲି କରି ବାନ୍ଧିବା
କିଛି ଭାବ, କିଛି ଶବ୍ଦ
କିଛି କିଛି ମିଛ ଛଳନା ଓ ଅହଂକାର
ନିସ୍ତବ୍ଧତା ର ଏ ଭାରି ପାଦ
ଧଡ଼ାମ୍ କରି ପଡ଼ି ଯାଉ ଯାଉ
ସ୍ତବ୍ଧ ସେ ଲେଉଟାଣି ବେଳ ... କାହିଁକିନା
ଏବେ ତା'ର ଆସିବାରବେଳ .... ।

ପ୍ରସରି ଯାଉଛି ତା'ଲମ୍ବା ହାତ
ଏବେ କେତେ ଛୋଟ
ଦୋକାନର ଗେଣ୍ଠୁମାଳ ...
ଝୁଲୁଛି, ଖାଲି ସ୍ମୃତି ହୋଇ
ଲୋଭ ଓ ଲାଭର ହିସାବ ଖାତା
ସ୍ମୃତିର ପୁଟୁଳା ..
ନିର୍ଜନତା ରେ ଧସି ପଡୁଥିବା
ବହଳ ଅନ୍ଧାର ..
ସେ ଆଡେ ଦେଖେ...
ମେଲା ପବନରେ ଏବେ ବାସ୍ନାହିଁ ବାସ୍ନା ..
ଅଙ୍କ ଅଙ୍କନର ଖେଳ
ଏବେ ତ ତା'ର ଆସିବାରବେଳ ...।।

ଏବେ ତା'ର ଆସିବାର ବେଳ
ଏକ ଅଜଣା ସଂକେତ ,
ସମ୍ଭାବନା ର ସ୍ୱାକ୍ଷର ...
ଡେଇଁ ଯିବ କାମନା ର
ଉଚ୍ଚାଟ ଲହରୀ , ବିଗତ ପ୍ରାରବ୍ଧ
ଧୋଇ ଦେବ
ଆତ୍ମା ଆଲୋକରେ ...
ଛାଡିବାକୁ ହେବ ପାନ୍ଥଶାଳା...
କବାଟରେ ମୃଦୁ କରାଘାତ
ପୁରୁଣାକୁ ଭାଙ୍ଗି ନୂଆ ଗଢିବାର ବେଳ
ଏବେ ତ' ତା'ର ଆସିବାରବେଳ ...।।

ନବରଂଗପୁର, ଓଡ଼ିଶା

ସୃଜନୀ ପରିବାର (ଚେନ୍ନାଇ )

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

# ନୂଆ ବରଷ ରେ... ନୂଆ ବରଷ

ଅମୀୟ ରଞ୍ଜନ ସାହୁ



ନୂଆ ବରଷ ରେ ନୂଆ ବରଷ,
ସବୁରି ମୁହଁରେ ଭରି ଦେ ହସ ।

ଆସିବୁ ତୁ ନୂଆ ସୂରୁଜ ନେଇ,
ଅଜ୍ଞାନ ଅନ୍ଧାର ପରଦା ଡେଇଁ,
ବିଷ କାଟିଦେଇ ଭରି ପୀୟୂଷ,
ସବୁରି ମୁହଁରେ ଦେ ତୁ ହସ ।
**ନୂଆ ବରଷରେ ନୂଆ ବରଷ...**

ମାଆ ବସିଅଛି ଚାହିଁ ପୁଅକୁ,
ବାପା ଚାହିଁଛନ୍ତି ଝିଅ ବାଟକୁ,
ଭାଇ ଭଉଣୀ ଓ ବନ୍ଧୁ ବିଶେଷ,
ସବୁରି ମୁହଁରେ ଭରିଦେ ହସ ।
**ନୂଆ ବରଷରେ ନୂଆ ବରଷ...**

ଦେଶ ଦେଶ ମଧ୍ୟେ ସମ୍ପର୍କ ବଢୁ,
ଜାତି ଧର୍ମ ଭେଦ ମନରୁ ହୁଡୁ
ଧରାରୁ ଆତଙ୍କ ହେଉ ନିଃଶେଷ,
ସବୁରି ମୁହଁରେ ଭରିଦେ ହସ ।
**ନୂଆ ବରଷରେ ନୂଆ ବରଷ...**

ଆଧୁନିକତାର ଛାପ ଲଗାଇ,
ଇଣ୍ଟର୍‌ନେଟ୍ ଆଜି କରଇ ବାଇ
ଏହା କୁପ୍ରଭାବେ କେହି ନ ଫସ,
ସବୁରି ମୁହଁରେ ଭରିଦେ ହସ ।
**ନୂଆ ବରଷରେ ନୂଆ ବରଷ...**

ସଭ୍ୟତା ସଂସ୍କୃତି ହେଉ ସୁଦୃଢ଼,
ଆଧୁନିକତାକୁ କରିଦେ ଦୃଢ଼,
ପ୍ରାଚୀନ ନୂତନ ଏ ସମାବେଶ,
ସବୁରି ମୁହଁରେ ଭରିଦେ ହସ ।
**ନୂଆ ବରଷରେ ନୂଆ ବରଷ...**

**(ମୁଖ୍ୟ ସମ୍ପାଦକ - ଅରୁଣିମା ଇ- ପତ୍ରିକା)**
**ସ୍ଥାନ: ଜଗତପୁର, କଟକ**
**ବର୍ତ୍ତମାନ: ଚେନ୍ନାଇ**

ସୃଜନୀ ପରିବାର (ଚେନ୍ନାଇ )

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

# ନବ ବର୍ଷରେ ନାରୀ କବି ପ୍ରବାସିନୀ ହୋତା ଙ୍କ ଦୁଇଟି ସୃଜନ ଭେଟି .....



-----------------------

## କିଛି....କରିବାର ଅଛି....

ଅନେକ ପ୍ରତିଶ୍ରୁତି...
ଯାହା ଆଗକୁ ପୁରା କରିବାର ଅଛି
ଅନେକ ସ୍ମୃତି ଯାହାକୁ ମନର ଫରୁଆ ତଳେ
କବର ଦେବାର ଅଛି...

କିଛି ଆଶା, ଯା'କୁ ପାଥେୟ କରି
ଉଠିଯିବାର ଅଛି ଆଉ ଧାପେ ବାଟ
କିଛି ସ୍ୱପ୍ନ ଯା'କୁ ସଜେଇବାକୁ
ରାତିଟିଏ ଯୋଗାଡ଼ କରିବାର ଅଛି...

କିଛି ଶଙ୍କା...ତାଙ୍କୁ ଦେଖାଇବାର ଅଛି
ତର୍ଜନୀ ଆଙ୍ଗୁଠି
କିଛି ଦମ୍ଭ ଯା'କୁ ନେଇ ତଳେ ଲୋଟିଥିବା
ଲତା ସବୁକୁ ଡିରା ଦେବାର ଅଛି...

କିଛି ରଙ୍ଗ, ଯା'କୁ ସଜେଇବାର ଅଛି
ତୁଳସୀ ଚଉରା ମୂଳେ ନିଜ ଅଗଣାର
କିଛି ସ୍ୱର , ଯା'କୁ ଦୁର୍ବଳ କଣ୍ଠରେ
ପୁଣି ଥରେ ଖଞ୍ଜିଦେବାର ଅଛି....

କିଛି ନୂତନତ୍ୱ , ଯାହାକୁ ଚଖେଇବାର ଅଛି
ପୁରୁଣା ହେବାର ସ୍ୱାଦ
କିଛି ପୁରୁଣା କୁ ବିଶ୍ୱସ୍ତ ବନ୍ଧୁଟେ ବୋଲି
ଆଦରି ନେବାର ଅଛି....

ଭଟଲି ଛକ, ବରଗଡ଼

## ପାରିବୁ କି....ନବବର୍ଷ ??

ନବ ବର୍ଷ !!
ଦେଇ କି ପାରିବୁ
ଏମିତି ତଲ୍ଲୀନ ମୁହୂର୍ତ୍ତଟି
ଯା' ଭିତରେ ମୁଁ ପ୍ରସରି ଯାଉଥିବି
ଭୂମିଠୁ ଭୂମା ଯାଏ....

ଦେଇ ପାରିବୁ କି ନବ ବର୍ଷ !!
ଜୁଆନ୍ ପୁଅ ପାଇଁ ଲୁହ ନିଗାଡି ନିଗାଡି
ଶେଥା ପଡିଯାଇଥିବା ଆଖି ଦୋ'ଟିରେ
ଆଶାର ଉତ୍କଣ୍ଠିତ ଚାହାଣୀ ଟେ....

ମଳୟ ହୋଇ ଛୁଇଁ ପାରିବୁ କି
ଉଜୁଡି ଯାଇଥିବା ସବୁଜ ସ୍ୱପ୍ନ ବଣ...
ଆଣି ପାରିବୁ କି ତହିଁ ନବ-ପଲ୍ଲବନ ??

ଉଜାଣି ବୁହେଇ ପାରିବୁ ??
ଭାସିଯାଇଥିବା ଭରସାରୁ ଧାରେ...
ଭଗେଇ ପାରିବୁ ଭୋକର ଦୈତ୍ୟକୁ
ଆହାରର ପ୍ରହାରେ ??

ଛଡେଇ ପାରିବୁ କି ନବ ବର୍ଷ ??
କଚଡା ଅଣ୍ଡାଳି...ଅଇଁଠା ଦରାଣ୍ଡି
ଜୀବନକୁ ସାମ୍ନା କରୁଥିବା
କୁନି ମସ୍ତିଷ୍କରୁ ଅସହାୟତାର ବୋଝ ??
ଧରେଇ ପାରିବୁ କି ସେଇ ହାତରେ
ସ୍ୱପ୍ନ-ରାଇଜର ଆହ୍ଲାଦଟେ...

ହଉ...ଏତେ କଥା ଛାଡ୍
ଗୋଟେ ମାତ୍ର ପ୍ରତିଶ୍ରୁତି ଦେ'
ଦେଇଯିବା ପାଇଁ ପ୍ରତି ଓଠ ଧାରେ
ବିନ୍ଦାସ୍ ଚେନାଏ ହସ
ତେଣୁ ତେଣିକି....
ତୋର ସ୍ୱର୍ଣ୍ଣିମ ଇତିହାସ ଲେଖିବାର
ଉତ୍ତର ଦାୟିତ୍ୱ ମୋର.....

ନବବର୍ଷ ବିଶେଷାଙ୍କ ୨୦୧୯

ସୃଜନୀ ପରିବାର (ଚେନ୍ନାଇ )

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା

ହିରଣ୍ମୟୀ

ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

# ନୂଆ ବର୍ଷ

ଶ୍ରୀ ଡମ୍ବରୁଧର ବାଗ



ଏମିତି ଆସନ୍ତି କେତେ ନୂଆ ବର୍ଷ
ପୁଣି ଯାଆନ୍ତି ବିଦାୟ ନେଇ ।
ଅପାଶୋରା ରହେ ମାତ୍ର ସେ ମୁହୂର୍ତ୍ତ
ହୃଦୟରେ ସ୍ମୃତି ହୋଇ ।
କେତେ ଚିହ୍ନା ମୁହଁ କେତେ ଅଚିହ୍ନା
ସାଥେ ଦେଖା ହୁଏ ପଥେ ।
କିଏ ଦେଇ ଯାଏ ମନରେ ଯାତନା
କିଏ ସୁଖ ଦିଏ ଆସ୍ତେ ।
କିଏ ଭଲ କଥା କହି ମନ କିଣେ
କିଏ କରେ ହତାଦର ।
ନିଜ ହୁଏ ପର ପର ଯେ ଆପଣା
ବଞ୍ଚିବାଟା ଖାଲି ସାର ।
ଆସିଛି ଜୀବନେ ଘାତ ପ୍ରତିଘାତ
କରିଛି ସଭିଁଙ୍କୁ ସ୍ତବ୍ଧ
ନ ଆସୁ ସେ ଭଳି ନୂଆ ବର୍ଷ ପୁଣି
ନ ହେଉ ଜୀବନ ଦଗ୍ଧ ।
ବିନତି ତୁମକୁ ହେ ନୂଆ ବରଷ
ଆସ ନେଇ ସୁଖ ଶାନ୍ତି ।
ସୁଖରେ ସୁଖରେ ସଭିଙ୍କ ଜୀବନ
ନୂଆ ବର୍ଷେ ଯାଉ ବିତି ।
କୁସୁମିତ ହେଉ ସଭିଙ୍କ ଜୀବନ
ଆରାମରେ ଦିନ ବିତୁ ।
ନ ରୁହନ୍ତୁ କେହି ଦୁଃଖ ଯନ୍ତ୍ରଣାରେ
ସର୍ବେ ସୁଖିନଃ ଭବନ୍ତୁ ।

ଚପ୍ରିଆ, ଗୋଲାମୁଣ୍ଡା, କଳାହାଣ୍ଡି ।

ନବବର୍ଷ ବିଶେଷାଙ୍କ
୨୦୧୯

ସୃଜନୀ ପରିବାର (ଚେନ୍ନାଇ )

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

# ନୂଆ ବରଷ

ବାଉରିବନ୍ଧୁ ଲେଙ୍କା



**ନୂଆ ବରଷ ହେ ନୂଆ ବରଷ**
**ସବୁରି ମନକୁ କର ହରଷ ..........॥୦॥**

ନବୀନ ପ୍ରଭାତ ନୂଆ ସୂରୁଜ
ବୁଣି ଦେଉ ଶାନ୍ତି ମୈତ୍ରୀ ମୁରୁଜ
ନବ ଉନ୍ମାଦନା ସବୁରି ମନରେ
ଜାଗିଉଠୁ ପାଇ ତୁମ ପରଶ
**ନୂଆ ବରଷ ହେ ନୂଆବରଷ..॥୧॥**

ତୁମକୁ ସ୍ୱାଗତ କରିବା ପାଇଁ
ପଲ୍ଲୀଠୁ ସହର ସମସ୍ତେ ବାଇ
ଆଲୋକ ଶବ୍ଦର କେତେ ସାଜସଜ୍ଜା
ନୃତ୍ୟ ଗୀତ ସହ ମଦିରା ମାଂସ
**ନୂଆ ବରଷ ହେ ନୂଆ ବରଷ..॥୨॥**

କେତେ ନୂଆ ତୁମେ କେତେ ପୁରୁଣା
ପ୍ରତି ବର୍ଷ ଆସ ସଭିଙ୍କୁ ଜଣା
ନୂଆ ବୋତଲରେ ପୁରୁଣା ମଦ୍ୟକୁ
ନେଇ ଆସୁଅଛ ପ୍ରତି ବରଷ
**ନୂଆ ବରଷ ହେ ନୂଆ ବରଷ.॥୩॥**

ସେଇ ଶୀତ ପରେ ସେଇ ବସନ୍ତ
ତାପରେ ନିଦାଘ ବର୍ଷା ଶରତ
କେଉଁ ନୂଆ ଋତୁ ଆଣିଛ ଏଥର
ଡାକିବୁ ତୁମକୁ ନୂଆ ବରଷ
**ନୂଆ ବରଷ ହେ ନୂଆ ବରଷ.॥୪॥**

ଅଛି ସେହି ଅତ୍ୟାଚାର ଦୁର୍ନୀତି
ଧର୍ଷଣ କଷଣ କେତେ କୁରୀତି
ବଧୂ ନିର୍ଯାତନା ସହ ବଳାତ୍କାର
ଅନାହାର ମୃତ୍ୟୁ ହୋଇନି ଶେଷ
**ନୂଆ ବରଷ ହେ ନୂଆ ବରଷ.॥୫॥**

ରହିଛି ବେକାରୀ ନାହିଁ ଚାକିରୀ
ବ୍ୟାଙ୍କ୍ ଠକେଇକୁ କଳା ବେପାରୀ
ମାଆ କରେ ତାର ଶିଶୁକୁ ବିକିରି
କେବେ ହେବ ଏହି ଦୁଃଖର ଶେଷ
**ନୂଆ ବରଷ ହେ ନୂଆ ବରଷ.॥୬॥**

ଆଧୁନିକତାର ନାମରେ ମାତି
ବଦଳି ଗଲାଣି ଆମ ସଂସ୍କୃତି
ବେଶଭୂଷା ଆଉ ଚାଲି ଚଳଣିକୁ
ପାଶ୍ଚାତ୍ୟ ସଭ୍ୟତା କଲାଣି ଗ୍ରାସ
**ନୂଆ ବରଷ ହେ ନୂଆ ବରଷ..॥୭॥**

ବଡ ସାନ ଆଉ ନାହିଁ ବାରଣ
ରାଜ ରାସ୍ତା ପରେ ବସ୍ତ୍ର ହରଣ
ରାଜନୀତି ଆଜି ସବୁଠି ଗରମ
ଗ୍ରାମ୍ୟ ପରିବେଶ ହେଲାଣି ଧ୍ୱଂସ
**ନୂଆ ବରଷ ହେ ନୂଆ ବରଷ.॥୮॥**

ବଖାଣି ବସିଲେ ବହୁତ କଥା
ରହିଛି ମନରେ ଲାଗଇ ବ୍ୟଥା
ପ୍ରଥମ ଦିନରେ ସବୁ କହିଦେଲେ
ହେବ କାଳେ ତୁମ ମନ ନିରସ
**ନୂଆ ବରଷ ହେ ନୂଆ ବରଷ.॥୯॥**

ଦୁଃଖୀ କି ଗରିବ ସମସ୍ତେ ମିଶି
ସ୍ୱାଗତ କରନ୍ତି ତୁମକୁ ଆସି
ହେଲେ ପଛେ ହେଉ କିଛି କ୍ଷଣ ପାଇଁ
ଭୁଲି ସବୁ ଦୁଃଖ ହୁଅନ୍ତି ତୋଷ
**ନୂଆ ବରଷ ହେ ନୂଆ ବରଷ.....॥୧୦॥**

କେତେ ନୂଆ ଆଶା ନୂଆ ସପନ
ସବୁରି ମନରେ ଅଛି ଗୋପନ
ଖୋଲିଦିଅ ସୁଖ ଶାନ୍ତିର ପସରା
ପୂର୍ଣ୍ଣ ହେଉ ସବୁରି ଅଭିଳାଷ
**ନୂଆ ବରଷ ହେ ନୂଆ ବରଷ......॥୧୧**

*** ଭୁବନେଶ୍ୱର**

ସୃଜନୀ ପରିବାର (ଚେନ୍ନାଇ )

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

# ତୁମ ଅପେକ୍ଷାରେ



ମନୋରମା ମିଶ୍ର

ତୁମେ ଆସ ଦେଖିବ ଏଠାରେ
ଥାପିଛି ମୁଁ ଆଗ୍ରହର ପୂର୍ଣ୍ଣ କୁମ୍ଭଟିଏ
ମୋ' ଗୃହର ପ୍ରବେଶ ପଥରେ ,
ତା' ସହିତ ଜଳାଇ ରଖିଛି
ଅପେକ୍ଷାର ଉଜ୍ଜ୍ୱଳ ପ୍ରଦୀପ ।।

ଉପହାର ଦେବାକୁ ତୁମକୁ
ହୃଦୟ ଡ଼ାଲାରେ ମୋର
ବାଛି ବାଛି ସଜାଇ ରଖିଛି
ଅକ୍ଷତ ସ୍ମୃତିରୁ କିଛି
ତା' ସହିତ କ୍ଷତାକ୍ତ ବେଦନା
ଅନେକ ବିମୁଗ୍ଧ ବିଶ୍ୱାସ ସାଥେ
କିଛି କିଛି ବିସ୍ମୃତ ବଞ୍ଚନା ।।

ଆସିଲେ ଦେଖିବ ଏଠି
ତୁମ ପାଇଁ ବିଚ୍ଛୁରିତ
ଉଲ୍ଲାସର ଗାଲିଚା ଦେହରେ
ଅସ୍ମିତାର ଅନୁଜ୍ଜ୍ୱଳ ସୂକ୍ଷ୍ମ କାରୁକାର୍ଯ୍ୟ
ନିରେଖି ଚାହିଁବ ଯେବେ ଦିଶିଯିବ
ମୋ ଘରର କାଛ ଉହାଡ଼ରୁ
ଅନେକ ସାତ୍ତ୍ୱିକ ଇଚ୍ଛାଙ୍କ ସହ
କିଛି କିଛି ଅଚିହ୍ନା ଆଶା ମାନଙ୍କ
ଉଙ୍କିମାରି ଅତିଥିଙ୍କୁ ଆମନ୍ତ୍ରିବା ଦୃଶ୍ୟ ।।

ଆସ ଆସ ! ଉପଗତ ହେଲା ଆସି
ତୁମ ପହଞ୍ଚି ଯିବାର ସେହି ମାହେନ୍ଦ୍ର ମୁହୂର୍ତ୍ତ
ତୁମେ ପରା ସୂଚୀ ପତ୍ର ,ସୂଚୀଭେଦ୍ୟ
ଅନ୍ଧକାର ଭରା
ଆଗାମୀ ଦିନର ,ତୁମକୁ ପାଛୋଟି ନେଇ
ସନ୍ତର୍ପଣେ ମାଗି ନେବି ଏ ସଂସାର ପାଇଁ
ଶୁଭଙ୍କ ର ପ୍ରତିଶ୍ରୁତି କିଛି
ନୂତନ ସମ୍ଭୃକ୍ତିର ଏ ବିରଳ ଲଗ୍ନରେ ।।

**(ନବ ବର୍ଷର ଆଗମନ କୁ ନେଇ କବିତାଟିଏ)**

**ନୀଳାଦ୍ରି ବିହାର ,ଭୁବନେଶ୍ୱର -୨୧**
**ମୋବାଇଲ :୯୮୬୧୫ - ୭୮୫୩୨**

ସୃଜନୀ ପରିବାର (ଚେନ୍ନାଇ )
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର



# ନୂଆ ବର୍ଷ

ଜୟଶ୍ରୀ ପଟ୍ଟନାୟକ

ଡିସେମ୍ବର ଆସିଲେ ମନେ ପଡେ ତୁମ କଥା
ତୁମେ କୁଆଡେ ଏରୁଣ୍ଡି ବନ୍ଧ ଟିଏ !
ଗତକାଲି ର ସ୍ମୃତି ଓ ଆଗାମୀ ଅନୁଭୂତି ର
ପୁରୁଣା କଥା ସବୁ ଲେଖାଯାଏ ,
ସ୍ମୃତିର ଶିଳାଲିପିରେ
ନୂଆ ସମ୍ଭାବନା ର ସକାଳ ଟିଏ ଉଇଁ ଥାଏ
ସୂର୍ଯ୍ୟ ଉଦୟ ସହ ସ୍ୱାଗତ ସମ୍ଭାଷଣ ରେ ।

ତୁମ ପାଇଁ ଶବ୍ଦ ମାନେ ସଜେଇ ହୁଅନ୍ତି
କବିତା ଖାତାରେ
ସହର ବଜାର ଗଳି , କନ୍ଦି ,
ମାଂସ ଦୋକାନରେ ଭିଡ
ମାଳ ମାଳ ଅଭିନନ୍ଦନ ପତ୍ର ,
ରଙ୍ଗୀନ ଲିଚୁ ମାଳ ଓ
ମୁରୁଜରେ ସଜେଇ ପଡେ ସାରା ସହର ।

ତୁମେ କୁଆଡେ ଆଣିଥାଅ ନୂଆ ପୁଲକ
ଛଅ ଋତୁ ବାର ମାସ ସହ
ବିତେଇ ଥିବା ଜୀବନର ସଙ୍ଗୀତ ଗାଅ ।
ପୁରୁଣା ହୋଇ ଯାଇଥିବା କ୍ୟାଲେଣ୍ଡର
ପୃଷ୍ଠାକୁ କୁହ ,
ମୁଁ ଆସୁଛି ବୋଲି ତୋର ଦୁଃଖ ନା ?
ଚାରିଆଡେ ଚର୍ଚ୍ଚା କରୁଛୁ
ନୂଆ ବର୍ଷ ଆସିଲା ବୋଲି ?

ଏଠି ନୂଆ କଣ ଯେ ?
ଦେଖ ଦିନେ ମୁଁ ବି ପୁରୁଣା ହେବି
ଠିକ ତୋ ପରି ତୁ ଯେମିତି ଆସିଥିଲୁ ଗଲା ବରଷ
ପିକନିକ , ଆତସବାଜି ଆଉ ଡିଜେ ଶବ୍ଦରେ
ଫେରି ଯାଉଛୁ ଦୁଃଖରେ ,
ମୁଁ ସେମିତି ଆସିଛି ଖୁସିରେ
ମୁଁ ବି ଚାଲିଯିବି ଦିନେ
ପୃଥିବୀ ସୂର୍ଯ୍ୟ କୁ ପରିକ୍ରମଣ କଲା ପରେ ।

ଏଠି ସବୁ ଗତିଶୀଳ ।
ସମୟ ,ଋତୁ ,ପୃଥିବୀ ,ଚନ୍ଦ୍ର ,ସୂର୍ଯ୍ୟ ,ନକ୍ଷତ୍ର
ଆଉ ଦିନ ଓ ରାତି ।
ମୁଁ ବା କେମିତି ହୁଅନ୍ତି ସ୍ଥିର ?
ନଈ ପରି ଚାଲୁଥିବା ପରା ଆମ ଧର୍ମ ।
ଏଥିରେ ନୂଆ କଣ ଯେ ?
ଖାଲି ଯାହା ଗୋଟିଏ ମସିହାରୁ ଆଉ
ଗୋଟିଏ ମସିହାକୁ ଏରୁଣ୍ଡି ଡେଇଁବା
କିଛି ପୁରୁଣା ସ୍ମୃତିକୁ ଜାବୁଡି ଧରି ହନ୍ତସନ୍ତ ହେବା
କିଛି ନୂଆ ପୁଲକ କୁ ଅନୁଭୂତି ପୃଷ୍ଠାର ସ୍ଥାନ ଦେଇ
ପୁଲକିତ ହେବା ,ସ୍ନେହ ବାଣ୍ଟିବା ଆଉ ଖୁସି ହେବା
ଅଭିନନ୍ଦନ ପତ୍ର , ଶୁଭେଚ୍ଛା ବାର୍ତ୍ତା ଆଉ ପୁଷ୍ପ
ସ୍ତବକରେ ନୂଆ ବର୍ଷ ମନେଇବା ,
ସମ୍ପର୍କ କୁ ମୋହ ଲଗାଇ ବାନ୍ଧି ରଖିବା ।

ମଧୁସୂଦନ ନଗର ,ଜଟଣୀ ,ଖୋର୍ଦ୍ଧା ,ମୋବାଇଲ :୯୪୩୮୩୬୮୯୬୭

ସୃଜନୀ ପରିବାର (ଚେନ୍ନାଇ )

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର



# ନବ ବର୍ଷ

ସୁଭାଷ ଚନ୍ଦ୍ର ପଣ୍ଡା(ଓ. ଇ .ଏସ )

ତୁମେ ତ ଅତିଥି ନୁହଁ
ଯେଣୁ ତୁମ ଆଗମନ ପୂର୍ବ ନିର୍ଦ୍ଧାରିତ ,
ତୁମେ କିନ୍ତୁ ଅଭ୍ୟାଗତ, ତୁମ ପଦ ଶବ୍ଦେ
ମନ ପ୍ରାଣ ହୁଏ ପୁଲକିତ ।

ପ୍ରୀତିମଗ୍ନା, କଣ୍ଠଲଗ୍ନା
ପ୍ରିୟତମା ବିଦାୟ ବେଳାରେ ,
ତୁମ ପଦଶବ୍ଦ ଶୁଭେ
ଶିହରଣ ଖେଳିଯାଏ ପ୍ରତିଟି ଅଙ୍ଗରେ ।

ଧରଣୀ ରହିଛି ଚାହିଁ ତୁମ ଅପେକ୍ଷାରେ ,
ସବୁଜ ଓଢଣୀ ଢାଙ୍କି ସୁନେଲି ପାଟରେ ,
ଅପଲକ ନୟନରେ ,ପ୍ରୀତି ପ୍ରତୀକ୍ଷାରେ ..।

ନବ ଉନ୍ମାଦନା ନେଇ
ବାଳ ସୂର୍ଯ୍ୟ ବିଞ୍ଚେ ତାର କନକ କିରଣ ,
ଅପେକ୍ଷାରେ ଅଛି ପୁଣି ହସନ୍ତ ତାରାର ରାତ୍ରି,
ହାଲ୍କା ହାଲ୍କା ଧଳା ବାଦଲ ଫାଙ୍କରେ
ଅପେକ୍ଷାରେ ରହିଛି ପୁଣି ପୂର୍ଣ୍ଣମୀର ଜହ୍ନ ।
ତୁମକୁ ଅଛନ୍ତି ଚାହିଁ କଦମ୍ବ ମଲ୍ଲିକା ,
ଆମୋଦିତ କରିଦେବ ସ୍ନିଗ୍ଧା ନୀହାରିକା ।

ଅରବିନ୍ଦ ,ଅଶୋକ ସାଥିରେ
ଆମ୍ର ବକୁଳର ସୁଗନ୍ଧ ଚାମର ନେଇ
ତୁମକୁ ଅପେକ୍ଷା କରେ ଫୁଲର ଫଗୁଣ ,
ରୋମାଞ୍ଚିତ କରିଦେବ  ତନୁ ମନ
ତୁମ ଆଗମନୀ ବାର୍ତ୍ତା ନେଇ କୋକିଳର ଗାନ ।

ଅପେକ୍ଷା କରିଛି ପୁଣି
 ନୀଳନଦୀ ନୀଳ ବସନରେ ,
ତା' ପଠାରେ ଭରି ଦେବ ମାଦକତା
 କାଶତଣ୍ଡୀ ଫୁଲର ଜୁଆରେ ।

ଆସ ତୁମେ ନବ ବର୍ଷ ,
ଜୀବନର ମନ୍ତ୍ର ଗାଇ ପ୍ରତିଟି ପ୍ରାଣରେ ,
ଆସ ତୁମେ ନବ ବର୍ଷ
ତୁମକୁ ସ୍ବାଗତ ଏଠି ପ୍ରତି ଋତୁ ,ପ୍ରତି ପାର୍ବଣରେ ।

**ଗହଗା ନରସିଂହ ପୁର ,କେନ୍ଦ୍ରାପଡା, ଓଡିଶା**


ନବବର୍ଷ ବିଶେଷାଙ୍କ
୨୦୧୯

ସୃଜନୀ ପରିବାର (ଚେନ୍ନାଇ )

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

# ପୂର୍ବନିର୍ଦ୍ଧିଷ୍ଟ ମିଳନ

ଦୀପକ କୁମାର ଦେ



ଦେଖି ଏକ ପ୍ରସ୍ଫୁଟିତ ଗୋଲାପ ପୁଷ୍ପିତ ଉଦ୍ୟାନେ
ଅଟକିଲା ଅବିଶ୍ରାନ୍ତ ସମୟ ପାଣ୍ଡୁର ବଦନେ ।
ଅବିରାମ ଗତିରେ ଚାଲୁଚାଲୁ
ଦେଖିଛି ଅବ୍ୟକ୍ତ ବିପର୍ଯ୍ୟୟ ,
ଦେଖୁଛି ଝାପ୍ସା ଆଲୁଅରେ ଉପର ବରଡ଼ା ମନେ ମନେ ,
ଅଜଣା ଆଶଙ୍କାରେ ମଧ୍ୟମ ସାକ୍ଷୀ ଯେବେ ଝଡ଼େ ତୃତୀୟ ।

ପଚାରେ ସମୟ ଠିଆ ହୋଇଥିବା ଏକାକୀ ଗୋଲାପକୁ -
' କହିବ କି ସଖୀ !! କେମିତି ସହିଯାଅ ଏତେ ବିଦାୟ ବେଦନାକୁ,
ବହୁଦର୍ଶୀ ଉଦାରତା ନୈପୁଣ୍ୟ ସହକାରେ କର ସଂଯୋଜନା
ଅତ୍ୟକ୍ଷେ କେମିତି ବୁଝାଅ ନିଜକୁ , ନିଜ ମନ-ପ୍ରାଣକୁ,
ଅଲେଖା ଫରଦେ ଲେଖିଯାଅ ନୂଆଁ ନୂଆଁ ସମ୍ବେଦନା ??

ଦୃଷ୍ଟି ପ୍ରସାରି ଆଶା କରେ ସମୟ କାଳେ କହିବ ଗୋଲାପ,
କଣ୍ଟକେ ସୁରକ୍ଷିତ;ସୁବାସିତ ସ୍ୱପ୍ନ ନା ବିଖଣ୍ଡିତ ଆଳାପ ,
ବିଗତ ସଫଳ ଲାବଣ୍ୟ ସର୍ଜନା ନା ଅସଫଳ ସୁମହତ ସମ୍ଭାବନା,
କୁହ ଗୋ ମଧୁର ମୁରତି କୁହ ଗୋ ତୁମ ହୃଦୟ ସଂଳାପ
ଯାହା ମୃତ୍ୟୁର ସ୍ପର୍ଶରେ ଅବିକୃତ ଚିତ୍ତେ ସମ୍ପୂର୍ଣ୍ଣ ଆନମନା ।

ଆତୁର ମନରେ ସମୟ ପାରେନା କରି ନିଜକୁ ଆବଦ୍ଧ
ମନୁ୍ୟଷକୃତ ଇଛାଧରି ପୁଛା କରେ ' କୁହ ଆଗୋ ଦୁଇପଦ'।
ଲହରୀ ପରାଏ ମନେ ଜାଗେ ମୋର କେତେ ଉଦ୍-ବେଗ,
" ହେ , ଗୋଲାପ ଏହା କି ନିଶିଥ ରଜନୀର ଅନୁପମ ଅନୁଭବ,
କହିବ କି ଅଟେ ଏହା ହାତ ପାହାନ୍ତାରେ ମଳୟ-ଅନୁରାଗ ।

"ଭଙ୍ଗକର ନିରବତା, କୁହ ଗୋ ଲକ୍ଷ ହୃଦୟ ରାଣୀ
ସଦ୍ୟ ପ୍ରସ୍ଫୁଟିତ ଜୀବନଟିର ଅନନ୍ତ ଅନ୍ତରବାଣୀ'।
ଆଖି ମଳୁମଳୁ କୁହେ ,"ମୁଁ ନୁହେଁ କି ତୁମ ପ୍ରିୟ ?'
'ଆକାଂକ୍ଷିତ ହୃଦୟ ତୃପ୍ତ ହେବ ଯେ ତୁମ କଥା ଶୁଣି',
ପଚାରେ ସେଇ କଣ୍ଟାଯୁକ୍ତ ଗୋଲାପକ ଅଧୀର ସମୟ ।

......................

© ବାଗଡିଆ , ଅନୁଗୋଳ

ସୃଜନୀ ପରିବାର (ଚେନ୍ନାଇ )
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

ହେ ଗୋଲାପ -ଏ ଘୋର କଳି କାଳ ଯୁଗରେ ତୁମେ ଏକ ବ୍ୟତିକ୍ରମ
'ଏଠି କିଏ ଆମେ " ଯେଉଁଠି ମୁଁ ଓ ଅହଂର ପରାକ୍ରମ
କିନ୍ତୁ ଦେଖିପାରେ ସେଇ ଅବିନାଶ ଶକ୍ତି ତୁମରି ଭିତରେ-
ଅକୃତ୍ରିମ, ଅଲୌକିକ ସତ-ଚିତ-ଆନନ୍ଦମୟ କୁଟୁକମ
ନିରବି ଯାଇଥିବା ଅସହାୟତରେ
ନିର୍ଜନ ଦ୍ୱୀପର ଆତ୍ମ ଅନୁଶୀଳନରେ।

"କୁହ ସଖୀ କେମିତି ଅସମ୍ଭବକୁ କରିଦିଅ ସମ୍ଭବ ,
କ୍ଷୁଦ୍ର କଳବରେ ସହିଯାଅ ମହାଭୈରବ ପରାଭବ"
ନିର୍ଧୁମ୍ ତତଲା ବାଲିରେ ଶିହରି ଦିଅ ଦିବ୍ୟ ସମାଚାର,
ବିଶ୍ୱାସର ଭାବ, ଅବିନଶ୍ୱର ପରମୋଦାର ସ୍ୱଭାବ
ଯଦିଓ ଘାତ ପ୍ରତିଘାତେ ହୁଅ କ୍ଷତାକ୍ତ ବାରମ୍ବାର??"

"କେଉଁ ଉପାଦାନେ ଗଢା ତୁମେ ହେ ଗୋଲାପ କହ ,
କେତେ ସହନୀୟ ତୁମ ପାଖୁଡା ତଥାପି ଆଗକୁ ନିର୍ଭୟେ ବଢ ,
ଅମଣିଷଦ୍ୱର ଅଜସ୍ର ଅସହ୍ୟ ଯାତନା କେମିତି ସହିଯାଅ-
ଉଜୁଡ଼ା ବସନ୍ତେ , ରୁକ୍ଷ ପତ୍ର ରାଶି ମେଳେ ସାହସେ ଲଢ଼,
ମଧୁର ସୁରଭି , ପ୍ରୀତି ବଚନ ସୁବାସ ବାଣ୍ଟୁଥାଅ।

ବସନ୍ତର ପ୍ରିୟତମ କୋଳିଳ ସ୍ମିତହାସ୍ୟେ କହେ ଗୋଲାପ
ଜୀବନଟା ଗଢ଼ି ଚାଲେ ତାଙ୍କରି ଇଛାରେ କରିବାକୁ ସଦାଳପ
ରଖିବାକୁ ହେବ ଅକ୍ଷୁର୍ଣ୍ଣ ଗୌରବ , ମୁଁ ଯେ କ୍ଷୁଦ୍ରତମ
ପ୍ରତିକ୍ରିୟାଶୀଳ ହୋଇ କିମ୍ପାଇ କରିବି ବିଳାପ
ବିଶାଳ ଏ ବିଶ୍ୱ ଲୋଡାକରେ ଅପ୍ରତିମ ସ୍ନେହ- ପ୍ରେମ।

ସୁଖ ଅବା ଦୁଃଖ ହେଉ , ପ୍ରାପ୍ତି ଅପ୍ରାପ୍ତିର ନାହିଁ ମୋର ମୋହ ,
ଜନମ ମୋହର ଏକ ପୁଷ୍ପ ବୋଲି ଛିଡ଼ା ହେବି ଅହରହ
ଜନ୍ମଜନ୍ମାନ୍ତର ଯାଏ ଏକ ସତ୍ୟ ଶୁଣିଛି କେବଳ
ଜନମିଛି ବୁଣିବାକୁ ସ୍ନେହ ବାରତା ଦେଖିବାକୁ ହସହସ ମୁଖ
ଏକ ନିର୍ଦ୍ଦେଶ ଅପ୍ରମିତ ପ୍ରେମ ସମ୍ପର୍କରେ ମୁଁ ଯେ ଭୋଳ ।

ହେଉ ବର୍ଷା ବିଧୁର ବିଜନ କି ହାଡଭଙ୍ଗା ଜାଡ଼ କି ନିଦରୁଣ ଗ୍ରୀଷ୍ମ
ସେଇ ପରମ ଆଦର୍ଶ ପରଶିବାକୁ ମୋହରି ଜନମ,
ଯଦି ବା ଝଡ଼ି ପଡେ ମୁଇଁ କେବେ ଅକସ୍ମାତ ଆଘାତେ ,
ସମୟ- ଭାଇ କାଳ ହେଉ ପଛେ ବାମ ସାଜି ବିଷମ
ତଥାପି ବୁକୁ ତଳେ ରଖିବାକୁ ହେବ ନୂତନ ଉଚ୍ଛ୍ୱାସ ଦୃଢ ଚିତ୍ତେ ।

ନବବର୍ଷ ବିଶେଷାଙ୍କ
୨୦୧୯

ସୃଜନୀ ପରିବାର (ଚେନ୍ନାଇ )

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା

ହିରଣ୍ମୟୀ

ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର



# ସେ ପାରିର ସୂର୍ଯ୍ୟ

ପ୍ରଭାତ କୁମାର ନାୟକ



ବାଳ ସୂର୍ଯ୍ୟ ଏବେ ପଶ୍ଚିମ ଆକାଶେ
ଲୋହିତ ଆଭାରେ ଦିଶେ,
କେତୋଟି ପ୍ରହର ଆଲୋକିତ କରି
ଅସ୍ତାଚଳ ତୁଳେ ଖାସେ ।

ସକଳ ଶକ୍ତିର ଅଧିକାରୀ ହୋଇ
ତଥାପି ଲୁଚେ ଅନ୍ଧାରେ ,
ଆଉ କେଉଁ ବଳେ ମୂଢ଼ ମାନବ ତୁ
ଭାସୁ ଅଛୁ ଅହଙ୍କାରେ ।

ମାୟାରେ ଆଚ୍ଛନ୍ନ ଜୀବନ ନଉକା
ଭବ ସିନ୍ଧୁ ଘନ ଜଳେ ,
ଅଜ୍ଞାନ ଅନ୍ଧାର ଲହରୀରେ ଭାସେ
ମୃତ୍ୟୁର କରାଳ କୋଳେ ।

ମୋହ ମାୟା ସମ ଢାଙ୍କିଛି ବାଦଲ
ଦେଖି ନଭେ ଚଉଦିଗେ ,
କେବେ ବୋହି ପାରେ ଅଣଚାଶ ବାୟୁ
ଆଶଙ୍କା ମନରେ ଜାଗେ।

ଧର୍ମର ତଲାଇ ଉଡେ ଫର ଫର
ତେଣୁ ନାବ ଚଳୁଥାଇ ,
ସେ ପାରିକୁ ନେବ ନାବିକ ବସିଛି
ହାତରେ ଆହୁଲା ନେଇ ।

ତା'ର ନାବ ପାଇଁ ତା'ମନ ବିକଳ
କିଏ ବୁଝେ ତାର ଦୁଃଖ ,
ମୁଁ ମୁଁ ବୋଲି ମାତୁଛି ଏ ଯାତ୍ରୀ
ଭୁଲି ନିଜ ରୂପ ଲେଖ ।

ମୁଁ କାର ଛାଡିଲେ ଅନୁକୂଳ ବାଆ
କୂଳେ ଲଗାଇବ ତରୀ ,
ନହେଲେ ଯାତ୍ରୀର ପ୍ରାଣ ଉଜୁଡିବ
ଆଗରେ କାଳ ଭଉଁରୀ ।

ସେ ପାରିରେ ଅଛି ନୂତନ ସୁରୁଜ
ନବ ଅରୁଣିମା ଧରି ,
ଚାଲରେ ଯାତ୍ରୀ ତେଜି ଅହମିକା
ବିଭୁ ପଦେ ଆଶ୍ରା କରି ॥

ମଧୁପର ,ଭଦ୍ରକ ,ଓଡିଶା

ନବବର୍ଷ ବିଶେଷାଙ୍କ
୨୦୧୯

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର



# ଦିନ ବିତିଯାଉ ହରଷେ

ଡକ୍ଟର ସଚ୍ଚିଦାନନ୍ଦ କର

ବଗିଚାରେ ଫୁଟେ ଗେଣ୍ଡୁ ଫୁଲ ଜାତି ଜାତି
ଦିନଟା ଉଷୁମ ଭାରି ଥଣ୍ଡା ଲାଗେ ରାତି
ଏଇ ଶୀତରେ
ନୂଆ ବରଷଟି ଆସିଛି ଆସିଛି
ଆସ କେ' ଦେଖିବ ମିତରେ ।।

ସଜାସଜି ହୋଇ ସୁନ୍ଦର ଦିଶୁଛି ଘର
ସବୁରି ଓଠରୁ ଝରୁଛି ହସର ଝର
କାମ ଲାଗିଛି
ବାପା ବୋଉ ଭାଇ ଦାଦା ଖୁଡି ମନେ
ନୂଆ ଆଶା କେତେ ଜାଗିଛି ।।

କୁନା ମୁନା ଟିନା ଆମେ ସବୁ ଯେତେ ଛୁଆ
ଧଳା କଳା ନାଲି ପୋଷାକ ପିନ୍ଧିଛୁ ନୂଆ
ମଜା କରୁଛୁ
ଘର ଅଗଣାରେ ବୁଲି ବୁଲି ଖାଲି
ପରଜାପତି କୁ ଧରୁଛୁ ।।

ତିଆରି ଚାଲିଛି ଖାଇବା ଦରବ କେତେ
ମନା ନାହିଁ କିଛି ଯିଏ ସେ ଖାଇବ ଯେତେ
ସବୁ ପାଇବ
କହିଦିଅ ଆସି କଅଣ ଚାହୁଁଛ
ଆଇଁଷ ନା ସାଦା ଖାଇବ ।।

ପୁରୁଣା ବରଷ ଗଲା ଚାଲି ଆଉ ନାହିଁ
ନୂଆ ବରଷଟି ଆସିଛି ରେ ପାଶେ ଧାଇଁ
ଖୁସି ଆଣିଛି
ଖୁସିଟା ଆମକୁ ଭଲ ଲାଗେ ବୋଲି
ସତେ ସିଏ ପରା ଜାଣିଛି ।।

ଆସରେ ସଭିଏଁ ମିଳିମିଶି ଖୁସି ହେବା
ଭଲ କାମ ପାଇଁ ଏକାଠି ଶପଥ ନେବା
ନୂଆ ବରଷେ
ଯେତେ ଏ ଧରାରେ ଅଛନ୍ତି ସଭିଙ୍କ
ଦିନ ବିତିଯାଉ ହରଷେ ।।

ଆଞ୍ଚଳିକ ମହାବିଦ୍ୟାଳୟ , ନାଥ ସାହି
ଯାଜପୁର, ଓଡିଶା

ସୃଜନୀ ପରିବାର (ଚେନ୍ନାଇ )

ଅନ-ଲଇନ ଫେସବୁକ ଓଡ଼ିଆ ସାହତ୍ୟ ପତ୍ରକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

# ନବବର୍ଷ ଉବାଚ

ରମେଶ ଚନ୍ଦ୍ର ପସାଏତ୍



ଏମିତି ମୋତେ ସ୍ୱାଗତ କରିବା
ପୁରାପୁରି ବନ୍ଦ କରିଦିଅ
ମୁଁ ଚାହେଁନା ଏମିତି ପ୍ରଗଲ୍ଭ ପ୍ରଳାପ
ଆଭିଜାତ୍ୟ ବାହାନାରେ ରକ୍ତର ହୋରି
ନାରୀ ମାଂସ ଚୋରି
ଅଗଣିତ ଜନନୀ ବିଳାପ
ମୋ ନାମେ ଅନ୍ୟର ଜୀବନରେ
ଆଙ୍କି ପୂର୍ଣ୍ଣଚ୍ଛେଦ
ଏମିତି ମୋତେ ସ୍ୱାଗତ କରବା
ପୁରାପୁରି ବନ୍ଦ କରିଦିଅ ।

ପାରୁଛ ତ ନିଜ ଦେହୁ
ଢାଳିଦିଅ ପୀୟୂଷ ଶୋଣିତ
ମୁମୂର୍ଷୁର ଶରୀର ମାଟିରେ
ବଢୁ ଜୀବନର ତରୁ
ହୋଇ ପଲ୍ଲବିତ ପୁଷ୍ପିତ ସୁରଭିତ ।
ଆଉଁସି ଦିଅ ତା ପିଠି
ପୋଛିଦିଅ ଅଶ୍ରୁଳ ନୟନ
ସେଥିଆ ଅଧରେ ଆଙ୍କି ଦିଅ
ଜୀବନୀୟ ବିଶ୍ୱାସର ଗାର ।
ପଡୁ ପଡୁ ଉଠିଯାଉ କେହି
ଧରି ତୁମ ଧୃତି ଧର୍ମ ବାହୁ
ତୁମ ମୁଖ ମଧୁର ବଚନ
ପୁରାତନେ ପୂଜା କରି
ବରୁ ଅର୍ବାଚୀନ ।

ପେଟେ ପିଇ ଧସେଇ ଅବାଟେ
ଘର ପୁଡା ବାଣ ଫୁଟା , ହଣା କଟା
ବିଶ୍ୱାସରେ ବିଷ ଭରା କରନାମା ଛାଡ
ପ୍ରକୃତିକୁ ଅଳିଆ ପିନ୍ଧାଇ
ଏମିତି ମୋତେ ସ୍ୱାଗତ କରିବା ପୁରାପୁରି ବନ୍ଦ
କରିଦିଅ ।

ପାରୁଛ ତ ପିଅ,
ସେ ଅଶେଷ ନିଶାର ମଦିରା...
ପବିତ୍ର ପ୍ରେମର, ନୀରନ୍ଧ୍ର ବିଶ୍ୱାସର,
ମଜବୁତ୍ ସମ୍ପର୍କର
ପୋଛିବାକୁ ଅନ୍ୟ ନେତ୍ରୁ ବାରି
ପ୍ରାଣେ ପ୍ରାଣେ ସୃଜିବାକୁ ଆନନ୍ଦଲହରୀ
ନଚେତ୍
ଏମିତି ମୋତେ ସ୍ୱାଗତ କରିବା
ପୁରାପୁରି ବନ୍ଦ କରିଦିଅ ।
ମୁଁ ଏମିତି ଆସୁଥିବି ଆଉ ଯାଉଥିବି ।

**ସଂସ୍କୃତ ଶିକ୍ଷକ**
**ନଟବର ଉଚ୍ଚବିଦ୍ୟାଳୟ,କଣ୍ଡେଇକେଲା,**
**ଝାରସୁଗୁଡା, ମୋ : ୯୭୭୭୩୯୪୫୬୮**

ସୃଜନୀ ପରିବାର (ଚେନ୍ନାଇ )

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

# ନୂଆ ବର୍ଷ

ସୁଧିରାଜ ରାଉତ

ମୁଁ କେବେ
ଶେଷ ଥର ପାଇଁ ଗୀତ ଗାଇଥିଲି
ମୋର ଏବେ ମନେ ନାହିଁ .... ।

ବର୍ଷର
ଶେଷ ସୂର୍ଯ୍ୟ ଅସ୍ତ ହେଉଥାଏ
ଘର ଆଗ ଗଛରେ
ପକ୍ଷୀଏ ଗୀତ ଗାଉଥାନ୍ତି ।

ବର୍ଷର
ପ୍ରଥମ ସୂର୍ଯ୍ୟ ଉଦୟ ହେଉଥାଏ
ଘର ଆଗ ପଛରେ
ପକ୍ଷୀଏ ଗୀତ ଗାଉଥାନ୍ତି ।

ପତ୍ନୀ ହଲାଇ ଦେଇ କହିଲା -
ଏ ନୂଆ ବର୍ଷ ରେ
କଣ ଏଠି କାଠ ଭଳି ଠିଆ ହୋଇ
ପକ୍ଷୀଙ୍କୁ ଚାହିଁଛ ?

କହିଲି -
ଆ ସାଙ୍ଗ ! ପକ୍ଷୀଟିଏ ହେବା
ଯାହା ଗଲା ଗଲା
ଯାହା ଆସିଲା ଆସିଲା
ଆମେ କିନ୍ତୁ ଗୀତ ଗାଉଥିବା
ଆ ! ପକ୍ଷୀଟିଏ ହେବା ।

ଖାତିଗୁଡା,ନବରଙ୍ଗପୁର



ନବବର୍ଷ ବିଶେଷାଙ୍କ
୨୦୧୯

ସୃଜନୀ ପରିବାର (ଚେନ୍ନାଇ )

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

# ଅଭିନନ୍ଦନ ୨୦୧୯

ଧୀରେନ୍ଦ୍ର କୁମାର ପ୍ରଧାନ



ନବୀନ ବରଷ ଆସିଛି ନେଇ ମନେ ଉଲ୍ଲାସ
ଭରିବାକୁ ପ୍ରତି ପ୍ରାଣରେ ଶୁଭ ମଧୁ ପୀୟୂଷ ।

ନବୀନ ବରଷ ଆସିଛି ଭରି ଆଶା ଅଶେଷ
ଆତ୍ମବଳ ଛୁଏଁ ଶିଖର ଦୃଢ ହୁଏ ବିଶ୍ୱାସ ।

ନବୀନ ବରଷ ଆସିଛି ତେଜି ଅହଂ ତମସା
ଚନ୍ଦ୍ରିକା ପରାଏ ବିଞ୍ଚିବା ଓଠୁ ପ୍ରେମର ଭାଷା ।

ନବୀନ ବରଷ ଆସିଛି ବୁଣି ଖୁସି ମୁରୁଜ
କୁହୁଡି ଓଢଣୀ ଫାଙ୍କରୁ ଗୀତ ଗାଏ ସୁରୁଜ ।

ନବୀନ ବରଷ ସକାଳ ସଜ୍ଜ ହିମ ପଟଳୀ
ଚିତ୍ତହରେ ପୁଷ୍ପ ବାସନା ସାଙ୍ଗେ ଚାଞ୍ଚୀ କାକଳି ।

ନବୀନ ବରଷ ଭରିଛି ହୃଦେ ନବ ଉନ୍ମାଦ
ଅନ୍ତରେ ଅନନ୍ତ ବନ୍ଧୁତା ମୁଖେ ନାହିଁ ବିଷାଦ ।

ନବୀନ ବରଷେ ପଲ୍ଲବେ କେତେ ଯେ ଉଦ୍ଦୀପନା
କର୍ତ୍ତବ୍ୟ ପ୍ରଶସ୍ତ ହୋଇଛି କର୍ମ ଯଜ୍ଞ କାମନା ।

ନବୀନ ବରଷେ ସାଇତି ଯେତେ ସ୍ମୃତି ସିନ୍ଦୂକ
ଅତୀତ ଦେଖାଏ ସୁମାର୍ଗ ହେବା ନାହିଁ ବିଚ୍ୟୁତ ।

ନବୀନ ବରଷେ ସାଉଁଟି ଯେତେ ସମ୍ପର୍କ ମାନ
ନବ ପୁରାତନ ହୃଦୟେ ଦୃଢ କରିବା ସ୍ଥାନ ।

ନବୀନ ବରଷେ ସ୍ଥାପନା ହେଉ ଶାନ୍ତି ଅନେକ
ଉଦ୍ରେକ ହେଉ ମାନବବାଦର ଶୁଭ୍ର ବିବେକ ।

ନବୀନ ବରଷ ଆସହେ ଭର ଶୂନ୍ୟ ପାତ୍ରକୁ
ଅନ୍ନମୟ କର ଦୁନିଆ ଦୂର କରି କ୍ଷୁଧାକୁ ।

ନବୀନ ବରଷେ ଜୀବନ ହେଉ ଆନନ୍ଦମୟ
ପ୍ରଭୁଙ୍କ ପଦାଙ୍କେ ପ୍ରାର୍ଥନା ହେଉ ସର୍ବ ସ୍ୱର୍ଗୀୟ ।

ନବୀନ ବରଷ ଦେଖାଏ କେତେ ନୂଆ ସପନ
ପ୍ରତିଟି ନିମିଷ ଜୀଇଁବା ଶତ ବର୍ଷ ସମାନ ।

**॥ ନବବର୍ଷ ର ହାର୍ଦ୍ଦିକ ଅଭିନନ୍ଦନ ॥**

**ଝଜିରୀବାହାଲ। ଅନୁଗୋଳ।**
**୯୪୮୮୧୦୮୫୯୬।**

ସୃଜନୀ ପରିବାର (ଚେନ୍ନାଇ )

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
# ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର



**ନବ ବର୍ଷରେ ...**

ଲିଭିଯାଉ ମ୍ଳାନ ଶିଖା ବିଗତ ବର୍ଷର

ନବ ସୂର୍ଯ୍ୟ , ନବ ଆଲୋକରେ !

ଆଗାମୀ ଜୀବନେ ତୁମ,

ଲକ୍ଷେ ଫୁଲ ଫୁଟୁ

ନବ ଦୀପ୍ତି,

ନବ ଉନ୍ମେଷରେ !!

- **ସୁନନ୍ଦା(ବ)ମହାପାତ୍ର**

ନବବର୍ଷ ବିଶେଷାଙ୍କ
୨୦୧୯

ସୃଜନୀ ପରିବାର (ଚେନ୍ନାଇ )

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

# ଇଂରାଜୀ ନବ ବର୍ଷର ବାର୍ତ୍ତା

ପ୍ରସନ୍ନ କୁମାର ମାଦଳା



ସଂସାର ସୁଅରେ ଏ ଜୀବନ ଧାର
କେବେ ଧୀର କେବେ ଖର
ଘାତ ପ୍ରତିଘାତ ସହିବାକୁ ତାର
ନିଜେ ବିବେଚନା କର ।

ସୁଖଦୁଃଖ ଆଉ ମାନ ଅପମାନ
ମିଳିବ ସଂସାର ଠାରୁ
ଜୀଇଁବାକୁ ଏଠି ଅଥର୍ବ ସମାନ
ମିଛେ କେତେ ମନ ମାରୁ ।

ଖାଲଢିପ ପଥେ ଯିବୁ ପାର ହୋଇ
ଆସିଛୁ ଏଯାଏଁ ଯଦି
ପାରି ହେବୁ ବାଟ ଆଖି ଲୁହ ଧୋଇ
ଜଞ୍ଜାଳ ଯେତେକ ଲଦି ।

କର୍ତ୍ତବ୍ୟ ଦାୟିତ୍ୱ ସରିବନି ଭାଇ
ଲାଗିଥିବ ଶୋକ ହର୍ଷ
ପୂର୍ବ ପରି ସବୁ ଭଲମନ୍ଦ ପାଇ
ବିତେ ବର୍ଷ ପରେ ବର୍ଷ ।

ଚୈତ୍ର ମାସ ପରେ ଘରେ ଗ୍ରାମପୁରେ
ଫଗୁଣ ମିଠା ପରଶେ
ପୂଜାର ପାର୍ବଣେ ଭକ୍ତିରସ ପୂରେ
ଆମରି ନବ ବରଷେ ।

ବିଶ୍ୱ ନିୟନ୍ତାଙ୍କୁ କୃତାଞ୍ଜଳି ଦେଇ
କରୁ ନିବେଦନ କେତେ
ନାଉରୀଟେ ହୋଇ ପାରି କରି ନେଇ
ହରିବାକୁ ଦୁଃଖ ଯେତେ ।

ପାଶ୍ଚାତ୍ୟ ଢାଞ୍ଚାରେ ପାଳୁ ଆଜି ସିନା
ନୂତନ ବରଷ କାଳି
ଉଦ୍ ଶୃଙ୍ଖଳ ହୋଇ ଦୟା ମାୟା ବିନା
କେତେ ଜୀବ ଦେଉ ବଳି ।

ନାଚଗୀତ ରସେ ମଦ ମାଂସ ଭାସେ
ନିଶାର୍ଦ୍ଧରେ ବାଣ ଫୁଟେ
ଆସକ୍ତିରେ ପୂରି ଭାବ ଯେବେ ଆସେ
ପବିତ୍ର ସମ୍ବନ୍ଧ ତୁଟେ ।

ଜଗତ ସେବାରେ ପରମାର୍ଥେ ଆମ
ଲାଗି ରହୁ ମନ ପ୍ରାଣ
ଶୁଭ ଅବସରେ କଲେ ଶୁଭ କାମ
ସଙ୍କଟୁ ପାଇବା ତ୍ରାଣ ।

---

ରାଉରକେଲା ,ଓଡିଶା

ନବବର୍ଷ ବିଶେଷାଙ୍କ
୨୦୧୯

ସୃଜନୀ ପରିବାର (ଚେନ୍ନାଇ )

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

# ଏକାନ୍ତ ବିଳାପ



**ସରୋଜିନୀ ଦାସ**

ହେ ସମୟ !!!
ଅଦୃଶ୍ୟ, ଅକପଟ....
ମୋ ଚାରିପାଖେ ମାୟା ର
ବେଷ୍ଟନୀ କେବେ ଘେରାଇଛ
କେବେ ମୁକ୍ତ କରିଛ ।

ଘନନୀଳ ଛାୟାନ୍ଧକାର ମେଘରୁ
କେବେ ତରଳି ବୋହିଯାଇଛି
ମୋ ଟୋପା ଟୋପା ବିଷାଦ
ମେଘ ମୁକ୍ତ ଆକାଶୁ ପୁଣି
ଖସିଛି କେତେ
ଖିଲି ଖିଲି ମୁକ୍ତାଫୁଲ ।

ସଜଳ ଇନ୍ଦ୍ରଧନୁ ର
ରଙ୍ଗାୟିତ ଉର୍ମୀ ରେ
ମୋ କଳ୍ପ ହ୍ରଦ ରେ
ଇନ୍ଦ୍ରନୀଳ ଭବନ .....
ତୁମେ ହିଁ ତ ଆଣିଥିଲ !!!
ଯୋଡିଥିଲ ସ୍ୱପ୍ନ ରେ
କୁହୁକ ଡେଣା ,
ଉଡନ୍ତା ବିମାନ ମଧ୍ୟେ..

ତ୍ରିଦେବ ସେ
ରାଜା ର କୁମର,
ପତ୍ର ର ମର୍ମରେ ଆହଟ...
ଧିରେ ଧିରେ ଯେବେ
ହଟାଇ ନେଇଛ
କଜ୍ଜଳ ର ଧାର ଫିକା କରି
ଫିକ୍ କରି ହସିଛି ଚନ୍ଦ୍ରମା ।

ଶୀତଳ ପ୍ରେମର ଏବେ
ନଶ୍ୱର  ପ୍ରବାହ ଧମନୀ ରେ
ଶ୍ରାନ୍ତ , ଶାନ୍ତ ବିଭାବରୀ
ଆଉ ସେଠି କାହିଁ ବା
ଆଦିମ ଅଙ୍ଗାର ????

ସମୟ;
ତୁମେ ଏବେ ପୁଣି
ପାଲଟିଗଲ ନୂଆ ବର୍ଷ......
ନୂଆ ସ୍ୱର ନୂଆ ତନ୍ଦ୍ରା
ନେଇ ଆସିଛ ଯେ,
କେତେ ଆଶା ରଙ୍ଗ ର ଫୁଆରେ
ମୋତେ ତେବେ କଣ
ଭେଟି ଦେବ ସେଇ
ପୁରୁଣା ସ୍ୱପ୍ନ ରୁ କାଣିଚାଏ !

ନା...ଅତୀତ କୁ
ଝାଡିଦେବ ମୋ
ଅଣ୍ଟି ରେ ଉଷୁମ
ବାଲି ର ମେଖଳା ପରି
ଆଉ ବି ହୋଇ ପାରେ
ମନ ଭୁଲାଣିଆ
ପୁରୁଣା ଜିନିଷ
ନୂଆ ବୋତଲରେ...

ମୋ କଥା ଛାଡ଼
ମୁଁ ତ ପ୍ରସ୍ତୁତ ଏବେ
ଛାଡ଼ି ବାକୁ ନୀଡ଼..

ସର୍ବେ କିନ୍ତୁ ବାଣ୍ଟି ଦିଅ
ଭବ୍ୟତାର ବାର୍ତ୍ତା
ସମ୍ଭାବନା ର ସ୍ୱପ୍ନ ଆଉ
ଆଶା ର ଅରୁଣିମା ,
ନବ ବର୍ଷ ର ଏଇ ତ କାମନା...
ସବୁ ପ୍ରାଣେ ସବୁ ତନ୍ତ୍ରେ
ଭରି ଯାଉ
ନବ ଉନ୍ମାଦନା ।

**କଳିଙ୍ଗ ବିହାର,ପାତ୍ରପଡା**